## ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଜାତୀୟ କର୍ମଶାଳା

# ମୁକ୍ତ ପାଠ୍ୟପୁସ୍ତକ ସମୟର ଆବଶ୍ୟକତା

ଭୁବନେଶ୍ୱର, ୨୭।୨ (ବ୍ୟୁରୋ): ଆଗାମୀ ପିଢି ସଂପୂର୍ଣ୍ଣ ଭାବେ ଇଣ୍ଟରନେଟ୍ ଉପରେ ନିର୍ଭର କରିବ। ସେଇଠୁ ହିଁ ଖବର ନେବ। ବହି ପଢିବ। ନିତିଦିନିଆ ଦରକାରୀ ସମସ୍ତ କିଛି ଖୋଜିବ। ତେଣୁ ବୈଷୟିକ ବିଦ୍ୟା ବ୍ୟବହାର କରି ଓପନ୍ (ମୁକ୍ତ) ପାଠ୍ୟ ପୁସ୍ତକ ପ୍ରକାଶ କରିବା ଏବେକାର ସମୟର ବଡ଼ ଆବଶ୍ୟକତା ବୋଲି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ପ୍ରଦୀପ କୁମାର ପାଣିଗ୍ରାହୀ କହିଛନ୍ତି।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଟେକ୍ନୋଲୋଜିଜ୍ ଫର୍ ଓପନ୍ ଟେକ୍ସଟ୍ ବୁକ୍' (ମୁକ୍ତ ପାଠ୍ୟପୁସ୍ତକ ପାଇଁ ବୈଷୟିକ ବିଦ୍ୟା) ସଂପର୍କିତ ତିନିଦିନିଆ ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରି ଡ. ପାଣିଗ୍ରାହୀ ଏହା ପ୍ରକାଶ କରିଛନ୍ତି। ଭୁବନେଶ୍ୱରଠାରେ ଦେଶର ସମସ୍ତ ମୁକ୍ତ ବିଶ୍ୱବିଦ୍ୟାଳୟକୁ ନେଇ ଏ ସଂପର୍କିତ ୩ ଦିନିଆ ଜାତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଶ୍ରୀକାନ୍ତ ମହାପାତ୍ର କହିଥିଲେ, ପାଠ୍ୟ ପୁସ୍ତକ ପ୍ରତିଟି ଛାତ୍ର ପାଖରେ ପହଞ୍ଚିବା ଦରକାର। ବୈଷୟିକ ବିଦ୍ୟା ବ୍ୟବହାର କରି ଏହାକୁ ସର୍ବାଧିକ କମ୍ ମୂଲ୍ୟରେ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇ ପାରିଲେ ହିଁ ଏହା ବଡ଼ ସଫଳତା ହେବ। ଦେଶର ସମସ୍ତ ୧୫ଟି ମୁକ୍ତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ବୈଷୟିକ କର୍ମଚାରୀମାନେ ଏଥିରେ ଯୋଗ ଦେଇଥିଲେ। କାନାଡ଼ାର କମନଓ୍ୱେଲଥ୍ ଅଫ୍ ଲର୍ଣ୍ଣିଂ ସହାୟତାରେ ଆୟୋଜିତ ଏହି କର୍ମଶାଳାରେ ଓପନ୍ ଏଜୁକେସନ୍ ରିସୋର୍ସ ଓ ଦୂର ନିରନ୍ତର ଶିକ୍ଷା ସଂପର୍କିତ ବିଷୟ ଉପରେ ଆଲୋଚନା କରାଯାଇଥିଲ। ନୂଆ କରି ଆମ ରାଜ୍ୟରେ ଖୋଲିଥିବା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓଡ଼ିଶାର ପ୍ରଥମ ମୁକ୍ତ ବିଶ୍ୱବିଦ୍ୟାଳୟ। ପ୍ରଥମ ବର୍ଷରେ ଏହା ୬ଟି ବିଷୟରେ ପାଠ୍ୟକ୍ରମ ଆରମ୍ଭ କରିଛି।



ମୁକ୍ତ ବିଶ୍ୱବିଦ୍ୟାଳୟ ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରାଯାଉଛି